# NATIONAL NEWS BULLETIN (ODIA)

## 12 August 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାରେ ଆଜି ଆଗତ ହେବ କେରଳ ନାମ ପରିବର୍ତ୍ତନ ବିଲ୍ ୨୦୨୬ ଏବଂ ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଲ୍ ।
- ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ପୁସ୍ତକ ଉନ୍ମୋଚନ କରିବେ ପ୍ରଧାନମନ୍ତ୍ରୀ ।
- ନଗରପାଳିକା ଗୁଡ଼ିକ ପାଇଁ ଋଣ ଜମା ସମୟସୀମା ବୃଦ୍ଧି କଲା ସେବି ।
- ହରିଆଲି ଅମାବାସ୍ୟା ଅବସରରେ ବିଭିନ୍ନ ଅଞ୍ଚଳରେ ଆଜି ଅନୁଷ୍ଠିତ ହେବ ଚାରାରୋପଣ କାର୍ଯ୍ୟକ୍ରମ ।

ଏବଂ

- ଲାଗୋସ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ୧୭ଟି ପଦକ ହାସଲ କଲା ଭାରତ ।

# ପାର୍ଲାମେଣ୍ଟ ଟୁଡେ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ରାଜ୍ୟସଭାରେ କେରଳ ନାମ ପରିବର୍ତ୍ତନ ବିଲ୍ ୨୦୨୬ ଆଗତ କରିବାର କାର୍ଯ୍ୟସୂଚୀ ରହିଛି । ଏହା ରାଜ୍ୟସଭାରେ ଆଲୋଚନା ହୋଇ ଗୃହୀତ ହେବାର କାର୍ଯ୍ୟସୂଚୀ ରହିଛି । ଗତକାଲି ଲୋକସଭାରେ ଏହି ବିଲ୍ ଗୃହିତ ହୋଇଥିଲା । ସମ୍ବିଧାନର ପ୍ରଥମ ଅନୁସୂଚୀରୁ ରହିଥିବା କେରଳ ରାଜ୍ୟର ନାମକୁ କେରଳମ୍‌କୁ ପରିବର୍ତ୍ତନ କରିବା ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି । ଗତ ୨୦୨୪ ଜୁନ ମାସରେ ଏ ସଂକ୍ରାନ୍ତ ପ୍ରସ୍ତାବ କେରଳ ବିଧାନସଭାର ଅନୁମୋଦନ ଲାଭ କରିଥିଲା । ରାଜ୍ୟସଭାରେ ଆଜି ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଲ୍ ସମ୍ପର୍କରେ ଆଲୋଚନା ହୋଇ ଗୃହିତ ହେବାର ସମ୍ଭାବନା ରହିଛି । ସେହିପରି ଲୋକସଭାରେ ଖଣି ଏବଂ ଖଣିଜ ସଂଶୋଧନ ବିଲ୍ ୨୦୨୪ର ଆଲୋଚନା ହେବା ସହ ଗୃହିତ ହେବ । ଗତକାଲି ସଂସଦର ଉଭୟ ଗୃହରେ ବିରୋଧି ଦଳର ନେତାମାନେ ବିଭିନ୍ନ ପ୍ରସଙ୍ଗ ଉଠାଇ କାର୍ଯ୍ୟଧାରାରେ ବାଧାସୃଷ୍ଟି କରିଥିଲେ । ଗତକାଲି ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଲ୍ ୨୦୨୬ ଲୋକସଭାରେ ଗୃହିତ ହୋଇଥିଲା । ରାଜ୍ୟସଭାରେ ମଧ୍ୟ ଟ୍ରିବ୍ୟୁନାଲ୍ ସଂସ୍କାର ବିଲ୍ ୨୦୨୬ ଅନୁମୋଦନ ଲାଭ କରିଥିଲା ।

## ପିଏମ୍-କୋବିନ୍ଦ ଅଟୋବାୟୋଗ୍ରାଫି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ଉପରେ ଆଧାରିତ ପୁସ୍ତକ **"Triumph of the Indian Republic: My Life, My Struggles"** ଆଜି ନୂଆଦିଲ୍ଲୀଠାରେ ଉନ୍ମୋଚନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଜୀବନଯାତ୍ରା, ଅଭିଜ୍ଞତା, ସଫଳତା ଏବଂ ସଂଘର୍ଷ ଉପରେ ଏହି ପୁସ୍ତକ ଆଧାରିତ । ସେ ଦେଶର ଚତୁର୍ଦ୍ଦଶ ରାଷ୍ଟ୍ରପତି ରୂପେ କାର୍ଯ୍ୟ ନିର୍ବାହ କରିଥିଲେ । ଏହି ପୁସ୍ତକ ସାଧାରଣ ଜନତାଙ୍କୁ ତାଙ୍କର ଜୀବନଯାତ୍ରା ଏବଂ ଜନସେବା ପ୍ରତି ତାଙ୍କର ପ୍ରତିବଦ୍ଧତା ସମ୍ପର୍କରେ ଅବଗତ କରାଇବ ।

## ପ୍ରେସିଡେଣ୍ଟ-ସଙ୍ଗୀତ ନାଟକ ଏକାଡେମୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ୨୦୨୪-୨୫ ବର୍ଷ ପାଇଁ ସଂଗୀତ ନାଟକ ଏକାଡେମୀ ଫେଲୋସିପ୍ ଓ ପୁରସ୍କାର ପ୍ରଦାନ କରିବେ । ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ସମାରୋହରେ ୧୧୫ ଜଣ କଳାକାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଦେଶର

ବିଭିନ୍ନ ପ୍ରାନ୍ତରୁ ଫେଲୋସିପ୍ ତଥା ପୁରସ୍କାର ପାଇଁ କଳାକାର ମନୋନୀତ ହୋଇଛନ୍ତି । ଫେଲୋସିପ୍ ବାବଦରେ ୩ ଲକ୍ଷ ଟଙ୍କା ଏବଂ ଏକାଡେମୀ ପୁରସ୍କାର ବାବଦରେ ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ସହିତ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ କହିଛି । ଏହି ସମାରୋହରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଓ ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଜୟଶଙ୍କର ଲିବେରିଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ନୂଆଦିଲ୍ଲୀଠାରେ ଗତକାଲି ଲିବେରିଆର ସଂସଦୀୟ ପ୍ରତିନିଧି ଦଳଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଲିବେରିଆର ଏହି ପ୍ରତିନିଧି ଦଳ ଆସି ଆଇ.ବି.ଏସ୍.ଏ. ପାଣ୍ଠି ବିନିଯୋଗରେ ପରିଚାଳିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଭାରତ ଗସ୍ତରେ ଆସିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ପକ୍ଷଙ୍କ ମଧ୍ୟରେ ବିକାଶ ମୂଳକ କାର୍ଯ୍ୟକ୍ରମ ନେଇ ମତବିନିମୟ ହୋଇଥିଲା । ସେ ଜନଧନ ଯୋଜନା, ମୁଦ୍ରା ଯୋଜନା, ଗରିବ କଲ୍ୟାଣ ଅନ୍ନ ଯୋଜନା, ଜଳଜୀବନ ମିଶନ୍ ଆଦି କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନେଙ୍କୁ

ଅବଗତ କରାଇଥିଲେ । ଗ୍ଲୋବାଲ୍ ସାଉଥ୍ ଭାଗିଦାରିତା ସମ୍ପର୍କକୁ ଅଧିକ ଦୃଢ଼ିଭୂତ କରିବା ଦିଗରେ ଏହି ପ୍ରତିନିଧି ଦଳର ଆଗ୍ରହ ଏବଂ ଉତ୍ସାହକୁ ମନ୍ତ୍ରୀ ଡକ୍ଟର ଜୟଶଙ୍କର ପ୍ରଶଂସା କରିଥିଲେ ।

## ସେବି

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ୍ – ସେବି' ସେୟାର୍ ବଜାରରେ ତାଲିକାଭୁକ୍ତ ଋଣ ନେଇଥିବା ନଗରପାଳିକା ସଂସ୍ଥାଗୁଡ଼ିକ ପାଇଁ ଜମା ସମୟସୀମା ବୃଦ୍ଧି କରିଛି । ଗତକାଲି ସଂଶୋଧିତ ନିୟମ ଅନୁଯାୟୀ ତାଲିକାଭୁକ୍ତ ନଗରପାଳିକାଗୁଡ଼ିକ ଅଡିଟ୍ ନ ହୋଇଥିବା ଆର୍ଥିକ ଫଳାଫଳ ପ୍ରଥମ ଛ'ମାସ ମଧ୍ୟରେ ୬୦ ଦିନ ମଧ୍ୟରେ ଜମା କରିବେ । ଯାହାକି ଏହି ସମୟ ସମୟସୀମା ପୂର୍ବରୁ ୪୫ ଦିନ ରହିଥିଲା । ସେହିପରି ବାର୍ଷିକ ଅଡିଟ୍ ଆର୍ଥିକ ଫଳାଫଳ ୯୦ ଦିନ ମଧ୍ୟରେ ଦାଖଲ କରିବା ପାଇଁ କୁହାଯାଇଛି । ପୂର୍ବରୁ ଏହି ସମୟସୀମା ୬୦ ଦିନ ରହିଥିଲା ।

## ଜୟଶଙ୍କର-କଲମ୍ବିଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର' କଲମ୍ବିଆରେ ହୋଇଥିବା ଭୂମିକମ୍ପରେ ବହୁ ସଂଖ୍ୟକ ଜୀବନହାନୀ ଯୋଗୁଁ ଗଭୀର ଦୁଃଖ

ପ୍ରକାଶ କରିଛନ୍ତି । ସେ ତାଙ୍କ ଶୋକବାର୍ତ୍ତାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି । ଭୂମିକମ୍ପରେ ଆହତ ହୋଇଥିବା ଲୋକଙ୍କ ସେ ଆଶୁଆରୋଗ୍ୟ କାମନା କରିଛନ୍ତି । ଶ୍ରୀ ଜୟଶଙ୍କର କହିଛନ୍ତି, ଭାରତ ସର୍ବଦା ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବା ଲାଗି ପ୍ରସ୍ତୁତ ହୋଇରହିଛି ।

# ଶିବରାଜ-ପ୍ଲାଣ୍ଟେସନ

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ନୂଆଦିଲ୍ଲୀ ଠାରେ ଆଜି ହରିଆଲି ଅମାବ୍ୟାସ ଅବସରରେ ଏକ ଚାରା ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ସମଗ୍ର ଦେଶରେ ବୃକ୍ଷ ମିତ୍ର ଅଭିଯାନ ଅଧୀନରେ ହଜାର ସଂଖ୍ୟକ ସଦଶ୍ୟ ବିଭିନ୍ନ ଗ୍ରାମ ଏବଂ ସହରରେ ଚାରୋ ରୋପଣ କରିବେ । ସମଗ୍ର ଦେଶରେ ୫୦ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯିବା ପାଇଁ ଏକ ସାମୂହିକ ଶପଥଗ୍ରହଣ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶ୍ରୀ ଚୌହାନ ନାଗରିକମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି, ହରିଆଲି ଅମାବାସ୍ୟା ଏକ ପର୍ବ, ଯାହାକି ପ୍ରକୃତି ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିବାର ସୁଯୋଗ ପ୍ରଦାନ କରିଥାଏ । ନିଜର ପରିବେଶକୁ ଅଧିକ ସବୁଜମୟ କରିବା ଲାଗି ଏହି ପର୍ବ ମାଧମରେ ଚାରା ରୋପଣ କରିବା ଲାଗି ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । କେବଳ କଥା

ମାଧ୍ୟମରେ ପ୍ରକୃତି ପ୍ରତି କୃତଜ୍ଞତା ଜ୍ଞାପନ ନ କରି ବୃକ୍ଷ ଚାରା ଲଗାଇ କାର୍ଯ୍ୟ ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ବୋଲି ଶ୍ରୀ ଚୌହାନ କହିଛନ୍ତି । ବୃକ୍ଷ ଚାରୋ ରୋପଣ କେବଳ ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଏହା ଆଗାମୀ ପିଢ଼ି ପାଇଁ ଏକ ନିରାପଦ, ସୁରକ୍ଷିତ ଏବଂ ସୁନ୍ଦର ଭବିଷ୍ୟତର ମୂଳଦୁଆ ସ୍ଥାପନ କରିଥାଏ ବୋଲି ଶ୍ରୀ ଚୌହାନ କହିଛନ୍ତି ।

## ଚାର୍‌ଧାମ ଯାତ୍ରା

ଚଳିତ ମୌସୁମୀ ଋତୁରେ ପ୍ରତିକୂଳ ପାଣିପାଗ ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଚାରଧାମ ଯାତ୍ରା ଉତ୍ସାହର ସହିତ ଜାରି ରଖିଛନ୍ତି । ଶ୍ରଦ୍ଧାଳୁମାନେ କେଦାରନାଥ ଏବଂ ବଦ୍ରିନାଥ ଯାଇ ଦର୍ଶନ କରୁଛନ୍ତି । ଶ୍ରୀ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟି ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀ କହିଛନ୍ତି, ବର୍ଷା ଏବଂ ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଦର୍ଶନାର୍ଥିଙ୍କ ସୁରକ୍ଷିତ ଦର୍ଶନ ପାଇଁ ବିହିତ ବ୍ୟବସ୍ଥା ହୋଇଛି । ଚାର୍‌ଧାମ ଯାତ୍ରାରେ ଉତ୍ତରାଖଣ୍ଡର ପ୍ରମୁଖ ତୀର୍ଥସ୍ଥଳୀ କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଏବଂ ଯମୁନେତ୍ରୀ ଅନ୍ତର୍ଭୁକ୍ତ । ପୂର୍ବରୁ ଗତକାଲି ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ସମସ୍ତ ଜିଲ୍ଲା

ମାଜିଷ୍ଟ୍ରେଟଙ୍କ ସହିତ ଚାରଧାମ ଯାତ୍ରାର ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ ।

## ୟୁଏସ୍-ଟ୍ରମ୍ପ୍-ମୋଦୀ ଟାରିଫ୍

ଯୁକ୍ତରାଷ୍ଟ୍ର ଆମେରିକାର ପ୍ରେସିଡେଣ୍ଟସିଆଲ୍ କାଉନ୍‌ସିଲର୍ ପିଟର ନାଭାରୋ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ପର୍କ ବଜାୟ ରଖିବା ଦିଗରେ କାର୍ଯ୍ୟ କରୁଛନ୍ତି । ଉଭୟ ରୁଷିଆ ତୈଳ ସମ୍ପର୍କିତ ଶୁଳ୍କ ପ୍ରସଙ୍ଗର ସମାଧାନ କରିବେ । ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କର ଅଂଶସ୍ୱରୂପ ଏହା ପ୍ରକାଶ ପାଇଛି । ପୂର୍ବରୁ ଅଗଷ୍ଟ ୭ ତାରିଖରେ ଆମେରିକା ସିନେଟ୍‌ରେ ବାଇପାଟିସନ୍ ବିଲ୍ ଗୃହିତ ହୋଇଥିଲା । ଭାରତ ଏବଂ ଚାଇନା ସମେତ ବିଭିନ୍ନ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲେଭି ଶୁଳ୍କ ଶତପ୍ରତିଶତ ଲାଗୁ କରିବା ଲାଗି ଅଧିକାର ପ୍ରଦାନ କରିଛନ୍ତି । ଏଥିରେ ରୁଷରୁ ଆସୁଥିବା ତୈଳ ଏବଂ ଗ୍ୟାସ୍ ଅନ୍ତର୍ଭୁକ୍ତ ରହିଛି ।

## ମାଣ୍ଡବ୍ୟ

କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆଜି ସକାଳେ ଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ୍‌ଠାରେ ହର୍ ଘର ତ୍ରିରଙ୍ଗା ସାଇକେଲ୍ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଶ୍ରୀ ମାଣ୍ଡବ୍ୟ ଦିଲ୍ଲୀ ୟୁନିଭରସିଟିରୁ ମାଇ ଭାରତ ସ୍ୱଚ୍ଛାସେବୀମାନଙ୍କ ର୍‌ୟାଲିର ନେତୃତ୍ୱ ନେଇଥିଲେ । ଏହି ର୍‌ୟାଲି ମେଜର ଧାନଚାନ୍ଦ ଷ୍ଟାଡିୟମ୍‌ରୁ ଆରମ୍ଭ ହୋଇ ଇଣ୍ଡିଆଗେଟ୍ ପର୍ଯ୍ୟନ୍ତ ଯିବ ।

## କମନ୍‌ୱେଲଥ୍ ଫେନ୍‌ସିଂ ଚାମ୍ପିୟନ୍‌ସିପ୍

ନାଇଜେରିଆର ଲାଗୋସ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଚମ୍ପିୟାନ୍‌ସିପ୍ ପ୍ରତିଯୋଗିତାରେ ଭାରତ ୧୭ଟି ପଦକ ହାସଲ କରିଛି । ସିନିୟର୍ ପୁରୁଷ ବର୍ଗରେ ଗତକାଲି ଭାରତର କରନ୍ ସିଂହ ଏବଂ ଶେର୍‌ଜିନ୍ ଶାନ୍ତିମୋଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୁରୁଷ ସେବର୍ ଫାଇନାଲ୍‌ରେ କରଣ ସିଂହ ଅଷ୍ଟ୍ରେଲିଆର ୟୁଙ୍ଗି ଶିମ୍‌ଙ୍କୁ ୭-୧୧, ୧୫-୧୨ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେହିପରି ପୁରୁଷ ଇପି ଫାଇନାଲ୍‌ରେ ଶେର୍‌ଜିନ୍ ଶାନ୍ତିମୋଲ ଦକ୍ଷିଣ ଆଫ୍ରିକାର ପିଟର କ୍ରୁଜର୍‌ଙ୍କୁ ୧୫-୬ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲେ । ସିନିୟର୍ ପୁରୁଷ ଫଏଲ୍ ପ୍ରତିଯୋଗିତାରେ ଭାରତର ତେଜସ ପାଟିଲ

ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେହିପରି ଭାରତୀୟ ମହିଳା ଫେନ୍‌ସର୍ ସିନିୟର୍ ଇପି ଇଭେଣ୍ଟରେ ତିନୋଟି ପଦକ ହାସଲ କରିଛନ୍ତି । ଭାରତର ତନିସ୍କା ଖାତ୍ରି ସ୍ୱର୍ଣ୍ଣ ପଦକ, ଖୁସି ଦାଭଢ଼େ ରୌପ୍ୟ ଏବଂ ପ୍ରାଚୀ ଲୋହାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

## ଡୁରାଣ୍ଡ କପ୍

ଇମ୍ଫାଲ୍‌ର ଖୁମାନ୍ ଲାମ୍ପାକ୍ ମେନ୍ ଷ୍ଟାଡିୟମ୍‌ଠାରେ ଆଜି ଅପରାହ୍ଣ ୪ଟାରେ ଗ୍ରୁପ୍-ଡି' ମ୍ୟାଚ୍‌ରେ ନେରୋକା ଫୁଟବଲ୍ କ୍ଲବ୍ ଏବଂ ଫୁଟବଲ୍ କ୍ଲବ୍ ରେଙ୍ଗ୍‌ଡାଇ ମଧ୍ୟରେ ମୁକାବିଲା ହେବ । ସେହିପରି ଗ୍ରୁପ୍-ବି' ମ୍ୟାଚ୍‌ରେ କୋଲକାତାର କିଶୋର ଭାରତୀ କ୍ରୀଡ଼ାଙ୍ଗନାଠାରେ ମହମ୍ମଦ ସ୍ପୋର୍ଟିଂ କ୍ଲବ୍ ଏବଂ ଇଣ୍ଡିଆନ୍ ଆର୍ମି ଫୁଟବଲ୍ ଟିମ୍ ମଧ୍ୟରେ ରାତି ୭ଟାରେ ଖେଳ ଅନୁଷ୍ଠିତ ହେବ ।

ଗତକାଲି ଗ୍ରୁପ୍-ଇ'ରେ ନଙ୍ଗଶେ ଏସ୍.ଏସ୍.ସି.ସି.' ମୁମ୍ବାଇ ଫୁଟବଲ୍ କ୍ଲବ୍‌କୁ ୭-୦ରେ ପରାସ୍ତ କରି ବିଜୟୀ ହୋଇଥିଲା । ଏହି ମ୍ୟାଚ୍ ସିଲଂର ଜବାହାରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା ।